# NATIONAL NEWS BULLETIN (ODIA)
## 07th July - 2024
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଏକ ବିକଶିତ ସମୃଦ୍ଧ ଓ ସ୍ୱାଭିମାନୀ ଓଡ଼ିଶା ଗଠନର ସ୍ୱପ୍ନ ଉତ୍କଳମଣି ଦେଖିଥିଲେ; କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

— ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ରଥାରୂଢ଼ ଶ୍ରୀଜିଉଙ୍କୁ ଆଜି ଦର୍ଶନ କରିବେ ରାଷ୍ଟ୍ରପତି ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭିଏନା ଗସ୍ତକୁ ଏକ ସ୍ୱତନ୍ତ୍ର ସମ୍ମାନ ବୋଲି ଅଭିହିତ କଲେ ଅଷ୍ଟ୍ରିୟାର ଚାନ୍‌ସେଲର୍ ।

- ପୁରୀ ଶ୍ରୀକ୍ଷେତ୍ରରେ ଆଜି ଅନୁଷ୍ଠିତ ହେଉଛି ଶ୍ରୀଜିଉଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ।

- ଆସାମ ବନ୍ୟାରେ ମୃତ୍ୟୁସଂଖ୍ୟା ୫୮କୁ ବୃଦ୍ଧି ।

ଏବଂ

- ହରାରେ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ଭାରତ ଜିମ୍ବାୱେଠାରୁ ୧୩ ରନ୍‌ରେ ପରାସ୍ତ; ଆଜି ଖେଳାଯିବ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ।

## ପ୍ରେଜ୍ - ଓଡ଼ିଶା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନ ଦେଶବାସୀଙ୍କ ପାଇଁ ସମର୍ପିତ ରହିଥିଲା । ତାଙ୍କ ପରି ବ୍ୟକ୍ତିତ୍ୱ ସମଗ୍ର ବିଶ୍ୱରେ ବିରଳ । ଏକ ବିକଶିତ, ସମୃଦ୍ଧ ଓ ସ୍ୱାଭିମାନୀ ଓଡ଼ିଶା ଗଠନର ସେ ସ୍ୱପ୍ନ ଦେଖୁଥିଲେ ବୋଲି ରାଷ୍ଟ୍ରପତି କହିଥିଲେ । ଭୁବନେଶ୍ୱର ଜୟଦେବ ଭବନଠାରେ ଗତ ସନ୍ଧ୍ୟାରେ ପଣ୍ଡିତ ଗୋପବନ୍ଧୁଙ୍କ ୯୬ତମ ପୁଣ୍ୟତିଥି ଅବସରରେ ରାଷ୍ଟ୍ରପତି ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଭିତ୍ତିଭୂମି ଉତ୍କଳମଣି ପକାଇଥିଲେ ବୋଲି କହିଛନ୍ତି ।

ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍କଳମଣିଙ୍କ ସ୍ମୃତିଚାରଣ କରିଥିଲେ ।

ସୂଚନାଯୋଗ୍ୟ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚାରଦିନିଆ ଓଡ଼ିଶା ଗସ୍ତରେ ଆସି ଗତସନ୍ଧ୍ୟାରେ ଭୁବନେଶ୍ୱର ଠାରେ ପହଁଞ୍ଚିଥିଲେ । ବିଜୁ ପଟ୍ଟନାୟକ

ଆନ୍ତର୍ଜାତିକ ବିମାନ ବନ୍ଦରରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ।

ଶ୍ରୀକ୍ଷେତ୍ର ପୁରୀରେ ଆଜି ଅନୁଷ୍ଠିତ ହେଉଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ରାଷ୍ଟ୍ରପତି ରଥାରୂଢ଼ ଶ୍ରୀଜୀଉଙ୍କୁ ଦର୍ଶନ କରିବେ। ଭୁବନେଶ୍ୱର ଉଦୟଗିରି ଗୁମ୍ଫା ଆସନ୍ତାକାଲି ପରିଦର୍ଶନ କରିବା ସହ ବିଭୁତି କାନୁନ୍‌ଗୋ କଲେଜ୍ ଅଫ୍ ଆର୍ଟ ଆଣ୍ଡ୍ କ୍ରାଫ୍ଟ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ସହ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି। ରାଷ୍ଟ୍ରପତି ଭୁବନେଶ୍ୱର ଉପକଣ୍ଠ ହରିଦାମଡ଼ା ଗ୍ରାମରେ ବ୍ରହ୍ମକୁମାରୀଙ୍କ ଦିବ୍ୟ ରିଟ୍ରିଟ୍ ସେଣ୍ଟରର ଉଦ୍‌ଘାଟନ କରିବେ । ଏହି ଅବସରରେ "ଲାଇଫ୍‌ଷ୍ଟାଇଲ୍ ଫର୍ ସଷ୍ଟେନେବିଲିଟି" ଅଭିଯାନର ଶୁଭାରମ୍ଭ କରିବେ । ମଙ୍ଗଳବାର ଦିନ ରାଷ୍ଟ୍ରପତି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଭୁବନେଶ୍ୱରଠାରେ ନାଇଜର୍'ର ତ୍ରୟୋଦଶତମ ସ୍ନାତକ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

## ପି.ଏମ୍. ଭିଜିଟ୍ - ଅଷ୍ଟ୍ରିୟା ଚାନ୍‌ସେଲର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗାମୀ ଭିଏନା ଗସ୍ତକୁ ଏକ ସ୍ୱତନ୍ତ୍ର ସମ୍ମାନ ବୋଲି ଅଷ୍ଟ୍ରିୟାର ଚାନ୍‌ସେଲର୍ କାର୍ଲ ନେହାମ୍ମର୍ ଅଭିହିତ କରିଛନ୍ତି । ସେ କହିଛନ୍ତି, ଶ୍ରୀ ମୋଦିଙ୍କ ଗସ୍ତକୁ ଉତ୍ସାହର ସହ ଅପେକ୍ଷା କରାଯାଇଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆସନ୍ତା ମଙ୍ଗଳବାର ଦିନ ଦୁଇଦିନିଆ ଅଷ୍ଟ୍ରିୟା ଗସ୍ତରେ ଯାଉଛନ୍ତି । ୪୧ ବର୍ଷ ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଅଷ୍ଟ୍ରିୟା ଗସ୍ତ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଅଷ୍ଟ୍ରିୟା ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଭାନ୍ ଡର୍ ବେଲେନ୍ ଏବଂ ଚାନ୍‌ସେଲର୍ ନେହାମ୍ମରଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଭାରତ ଓ ଅଷ୍ଟ୍ରିୟାର ବ୍ୟବସାୟୀ ଗୋଷ୍ଠୀଙ୍କୁ ମଧ୍ୟ ଶ୍ରୀ ମୋଦି ସମ୍ବୋଧନ କରିବେ । ଏହି ଅବସରରେ ଭିଏନାରେ ପ୍ରବାସୀ ଭାରତୀୟଙ୍କ ସହ ପ୍ରଧାନମନ୍ତ୍ରୀ ମତ ବିନିମୟ କରିବେ ବୋଲି ଜଣାପଡ଼ିଛି ।

ବୈଦେଶିକ ସଚିବ ବିନୟ କ୍ୱାତ୍ରା କହିଛନ୍ତି, ଅଷ୍ଟ୍ରିୟା କେନ୍ଦ୍ରୀୟ ୟୁରୋପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଦେଶ । ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଲକ୍ଷ୍ୟ ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଉଦ୍ଦେଶ୍ୟ । ଭାରତ ଏବଂ ଅଷ୍ଟ୍ରିୟା ମଧ୍ୟରେ ଗତବର୍ଷ ମଇ ମାସରେ ବିଭିନ୍ନ କ୍ଷେତ୍ରପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆସନ୍ତାକାଲି ଦୁଇଦିନ ପାଇଁ ରୁଷ୍ ଗସ୍ତରେ ଯାଉଛନ୍ତି । ସେଠାରୁ ମଙ୍ଗଳବାର ଦିନ ସେ ଅଷ୍ଟ୍ରିୟା ଗସ୍ତ କରିବେ ।

## ଏଚ୍.ଏମ୍. - ନୀଟ୍ କାଉନ୍‌ସେଲିଙ୍ଗ୍

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ମେଡିକାଲ୍ କାଉନ୍‌ସେଲିଙ୍ଗ୍ କମିଟି - ଏମ୍.ସି.ସି. ପକ୍ଷରୁ ଏପର୍ଯ୍ୟନ୍ତ ୨୦୨୪ ନୀଟ୍-ୟୁଜି ଏବଂ ପି.ଜି. ପାଠ୍ୟକ୍ରମ ପାଇଁ କାଉନ୍‌ସେଲିଙ୍ଗ୍ କାର୍ଯ୍ୟସୂଚୀ ସ୍ଥିର କରାଯାଇ ନାହିଁ । ପରୀକ୍ଷା ପ୍ରକ୍ରିୟା ଶେଷ ଏବଂ ସିଟ୍ ସ୍ଥିତି ନେଇ ଚୂଡ଼ାନ୍ତ ହେବା ପରେ ଏହି ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କ ପାଇଁ କାଉନ୍‌ସେଲିଙ୍ଗ୍‌ର କାର୍ଯ୍ୟସୂଚୀ ଘୋଷଣା କରାଯାଇଥାଏ । ଏମ୍.ସି.ସି. ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ମାସ ତୃତୀୟ ସପ୍ତାହ ଶେଷ ସୁଦ୍ଧା ୟୁ.ଜି. ସିଟ୍ ଏବଂ ଆସନ୍ତାମାସ ମଧ୍ୟଭାଗ ସୁଦ୍ଧା ପି.ଜି. ସିଟ୍ ସ୍ଥିତି ନେଇ ଚୂଡ଼ାନ୍ତ ହେବ । ଏହି ପରିପ୍ରେକ୍ଷୀରେ କାଉନ୍‌ସେଲିଙ୍ଗ୍ କାର୍ଯ୍ୟସୂଚୀ ନେଇ କମିଟି ନିଷ୍ପତ୍ତି ଗ୍ରହଣ କରିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ।

## କାର୍ ଫେଷ୍ଟିଭାଲ୍

ପୁରୀ ଶ୍ରୀକ୍ଷେତ୍ରରେ ଆଜି ଶ୍ରୀଜିଉଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଛି । ୧୯୦୯ ମସିହା ପରେ ୧୯୭୧ ମସିହା ଏବଂ ୫୩ ବର୍ଷ ପରେ ୨୦୨୪ ମସିହାରେ ଚଳିତ ବର୍ଷ ଏକାସଙ୍ଗରେ ରଥଯାତ୍ରା ସହିତ ନବଯୌବନ ଦର୍ଶନ, ନେତ୍ରୋତ୍ସବ ପଡୁଥିବାରୁ ଏହି ରଥଯାତ୍ରାକୁ

ମହାପ୍ରଭୁଙ୍କର ବିରଳ ଶ୍ରୀଗୁଣ୍ଡିଚା ଯାତ୍ରା କୁହାଯାଉଛି । ଅତ୍ୟଧିକ ନୀତି ରହୁଥିବାରୁ ତିନିରଥ ଆଜି ସନ୍ଧ୍ୟାସୁଦ୍ଧା ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚି ନ ପାରିଲେ ରଥ ଉପରେ ଶ୍ରୀବିଗ୍ରହମାନଙ୍କର ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଚଳିତ ବର୍ଷ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଚଳିତବର୍ଷ ରଥଯାତ୍ରାରେ ରଥଟଣା ଦୁଇଦିନ ହେଉଥିବାରୁ ଶ୍ରୀକ୍ଷେତ୍ର ପୁରୀରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଛି ।

ରଥଯାତ୍ରାର ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ଆଜି ସକାଳ ସାଢ଼େ ୭ଟାରୁ ରଥଟଣା ଶେଷ ହେବା ଯାଏଁ ପ୍ରସାରିତ ହେବ । ଆକାଶବାଣୀ କଟକ ସମେତ ଓଡ଼ିଶାର ସମସ୍ତ ବେତାର କେନ୍ଦ୍ର ମାଧ୍ୟମରେ ଏକକାଳୀନ ଏହି ପ୍ରସାରଣ କରାଯିବ। ସେହିଭଳି ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ଘୋଷଯାତ୍ରାର ସିଧାପ୍ରସାରଣ ପାଇଁ ବ୍ୟବସ୍ଥା କରାଯାଇଛି । ଚଳିତ ରଥଯାତ୍ରାରେ ଆସନ୍ତାକାଲି ରଥଟଣା ହେବାକୁ ଥିବାରୁ ସକାଳ ସାଢ଼େ ୮ଟାରୁ ସିଧା ପ୍ରସାରଣ କରାଯିବ ।

## ନୀତିନ୍ ଗଡ଼କରୀ – ବୁଷ୍ଟ ଅଟୋ ଇଣ୍ଡଷ୍ଟ୍ରୀ

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡ଼କରି କହିଛନ୍ତି, ଆଗାମୀ ବର୍ଷଗୁଡ଼ିକରେ ଭାରତରେ ଅଟୋମୋବାଇଲ୍ ଶିଳ୍ପ କାରବାରକୁ ୫୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯିବାପାଇଁ ପ୍ରୟାସ ଜାରି ରହିଛି । ନାଗପୁରର

ବୁଟିବୋରୀ ଅଞ୍ଚଳରୀ ଏକ ଚିକିତ୍ସା ଉପକରଣ ଓ ଉପଭୋକ୍ତା ସାମଗ୍ରୀ ଉତ୍ପାଦନ କାରଖାନାକୁ ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି । ସେ କହିଛନ୍ତି, ବିଦର୍ଭ ଏକ ଅର୍ଥନୈତିକ ଓ ସାମାଜିକ ଅନୁନ୍ନତ ଅଞ୍ଚଳ । ସେଠାରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ନିଯୁକ୍ତି ସୁଯୋଗ ଉପରେ ସେ ଏହି ଅବସରରେ ଗୁରୁତ୍ୱାରୋପ କରିଥିଲେ । ଏହି ସମାରୋହରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ ଉପସ୍ଥିତ ଥିଲେ ।

## ଅମିତ୍ ଶାହା - ଗୁଜୁରାଟ୍ ଭିଜିଟ୍

କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ୍ ଶାହା ଆଜି ଅହମ୍ମଦାବାଦଠାରେ ଆୟୋଜିତ ହୋଇଥିବା ରଥଯାତ୍ରା ଅବସରରେ ମଙ୍ଗଳ ଆଳତୀ ଦର୍ଶନ କରିବେ । ଗୁଜୁରାଟ୍‌କୁ ଦୁଇଦିନିଆ ଗସ୍ତରେ ଯାଇଥିବା ମନ୍ତ୍ରୀ ଶ୍ରୀ ଶାହା ନାରଣପୁରାଠାରେ ଏକ ଚିକିତ୍ସାଳୟକୁ ଉଦ୍‌ଘାଟନ କରିବା ସହ ଅମ୍ବାଭାଡ଼ିଠାରେ ଏକ ବିଦ୍ୟାର୍ଥୀ ଭବନର ମଧ୍ୟ ଶୁଭାର କରିବାର କାର୍ଯ୍ୟସୂଚୀ ରହିଛି ।

## ମୁମ୍ବାଇ - ରୁଲିଙ୍ଗ୍ କୋଆଲିଏସନ୍

ମହାରାଷ୍ଟ୍ର ମହାୟୁତି ଶାସକ ମେଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ ଏବଂ ଅଜିତ୍ ପାୱାର ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ । ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବୈଠକ ଆୟୋଜିତ ହୋଇଥିବା ଜଣାପଡ଼ିଛି । ଲୋକସଭା ନିର୍ବାଚନ ଫଳାଫଳ ଏବଂ ବିଧାନସଭା ନିର୍ବାଚନ ପ୍ରସ୍ତୁତି ନେଇ ମେଣ୍ଟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି । ସରକାରୀ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ସିନ୍ଦେ ଗୁରୁତ୍ୱାରୋପ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର ତାଙ୍କ ଅଭିଭାଷଣରେ କେନ୍ଦ୍ର ସରକାର ଜାତୀୟ ବିକାଶ ଉପରେ ଗୁରୁତ୍ୱ ଦେଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଥିଲେ । ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ ଅଯଥା ବୟାନବାଜିରୁ ଦୂରେଇ ରହିବାକୁ ଦଳର ସଦସ୍ୟଙ୍କୁ ପରାମର୍ଶ ଦେଇଛନ୍ତି ।

## ଇଣ୍ଡିଆ-ଜିମ୍ବାୱେ ଟି-ଟ୍ୱେଣ୍ଟି

ହରାରେ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ଭାରତ ଜିମ୍ବାୱେଠାରୁ ୧୩ ରନ୍‌ରେ ପରାସ୍ତ ହୋଇଛି ।  ଏହି ପଞ୍ଚଟିକିଆ ଟି-ଟ୍ୱେଣ୍ଟି ସିରିଜ୍‌ର ପ୍ରଥମ ମ୍ୟାଚ୍

ଗତକାଲି ଟସ୍ ଜିତି ଭାରତ ଜିମ୍ବାୱେକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଜିମ୍ବାୱେ ଭାରତ ସମ୍ମୁଖରେ ୧୧୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଜିମ୍ବାୱେ ୯ ୱିକେଟ୍ ବିନିମୟରେ ୧୧୫ ରନ୍ ସଂଗ୍ରହ କରିଥିଲା। ୧୧୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଯୁବା ଭାରତୀୟ ଦଳ ୧୯ ଓଭର ୫ଟି ବଲ୍‌ରେ ସମସ୍ତ ୱିକେଟ୍ ବିନିମରେ ୧୦୨ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ହରାରେ ସ୍ପୋର୍ଟସ କ୍ଲବ ଷ୍ଟାଡିୟମ୍‌ଠାରେ ଭାରତୀୟ ସମୟ ଅପରାହ୍ଣ ସାଢ଼େ ୪ଟାରେ ଖେଳାଯିବ।

*****